# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22nd June – 2026

****************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟରେ ପଦ୍ମ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।

- କେନ୍ଦ୍ର ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ମୂଲ୍ୟାଙ୍କନ ପୁରସ୍କାର ପାଇଁ ରାଜ୍ୟର ୧୦ଟି ବିଦ୍ୟାଳୟ ମନୋନୀତ ।

- ସ୍ନାତକ ପାଠ୍ୟକ୍ରମରେ ନାମଲେଖାପାଇଁ ପ୍ରକାଶ ପାଇଲା ମେଧାତାଲିକା ।

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ସଂଶୋଧିତ ଇଂରାଜୀ ବନାନ ସଂକଳିତ ବିଜ୍ଞପ୍ତି ପ୍ରକାଶ ।

***Desk***

## ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀରେ ଦ୍ୱିତୀୟ ପର୍ଯ୍ୟାୟରେ ପଦ୍ମ ପୁରସ୍କାର ପ୍ରଦାନ କରିବେ । ଏହି ପର୍ଯ୍ୟାୟରେ ୩ ଜଣଙ୍କୁ

ପଦ୍ମ ବିଭୂଷଣ, ୮ ଜଣଙ୍କୁ ପଦ୍ମଭୂଷଣ ଓ ୫୫ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ । ପୂର୍ବରୁ ରାଷ୍ଟ୍ରପତି ୫୮ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ଓଡ଼ିଶାର ଡକ୍ଟର ମହେନ୍ଦ୍ର ମିଶ୍ର ସମ୍ମାନିତ ହୋଇଥିଲେ । ଚଳିତ ବର୍ଷ ରାଜ୍ୟରୁ ଡକ୍ଟର ମିଶ୍ରଙ୍କ ସହିତ ସୀମାଞ୍ଚଳ ପାତ୍ର, ଶରତ କୁମାର ପାତ୍ର ଏବଂ ଚରଣ ହେମ୍ବ୍ରମ୍ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି ।

***Desk***

# ପ୍ରାକ୍ ମୌସୁମୀ ବୈଠକ

ରାଜ୍ୟରେ ପ୍ରାକ୍ ମୌସୁମୀ ପ୍ରସ୍ତୁତି ନେଇ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୈଠକ ଜାରି ରହିଛି । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ, ସାଂସଦ ଓ ବିଧାୟକମାନେ ବୈଠକରେ ଉପସ୍ଥିତ ରହି ବାର୍ଷିକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରୁଛନ୍ତି । ପରେ ଜିଲ୍ଲାସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ପୂର୍ବରୁ ଜଳସମ୍ପଦ ବିଭାଗର ସହଯୋଗରେ ଜଳ ସଂରକ୍ଷଣ ସମ୍ପର୍କିତ ଆଲୋଚନା ଶେଷ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

*Desk*

# ତାମିଲ୍‌ନାଡୁ ଗ୍ୟାସ୍ ଲିକ୍

ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଥିବା ନେଇ ଶ୍ରମ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କହିଛନ୍ତି। ଦୁର୍ଘଟଣାରେ ୭୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ମୃତ ଶ୍ରମିକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

ରାଜ୍ୟ ସରକାରଙ୍କ ତିନି ଜଣ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଁଞ୍ଚି ତଥ୍ୟ ସଂଗ୍ରହ କରୁଛନ୍ତି। ତାମିଲନାଡୁର ପ୍ରଶାସନ ସହ ସମନ୍ୱୟ ମାଧ୍ୟମରେ ଘଟଣାରେ ପ୍ରଭାବିତ ଓଡ଼ିଆ ଶ୍ରମିକଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦୁର୍ଘଟଣାଗ୍ରସ୍ତ ଶ୍ରମିକଙ୍କ ସହାୟତା ପାଇଁ ଓଡ଼ିଶା ସରକାର ତାମିଲନାଡୁ ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାମିଲନାଡୁର ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିଛନ୍ତି।

***IPR***

# ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସ୍.ଏଚ୍.ଭି.ଆର୍.)-୨୦୨୫-୨୬ ପୁରସ୍କାର ନିମନ୍ତେ ରାଜ୍ୟର ୧୦ଟି ସରକାରୀ ବିଦ୍ୟାଳୟକୁ ଚୟନ କରାଯାଇଛି । ପରିମଳ ଏବଂ ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସବୁଜିମା ଏବଂ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡକୁ ଭିତ୍ତିକରି ମୂଲ୍ୟାଙ୍କନ କରାଯାଇଥିଲା । ଏହାଦ୍ୱାରା ବିଦ୍ୟାଳୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହ ପରିବେଶ ସୁରକ୍ଷା ଦିଗରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ । ସୂଚନା ଅନୁସାରେ, ଜାତୀୟ ସ୍ତରରେ ୨୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୧୯୧ଟି ବିଦ୍ୟାଳୟକୁ ଏହି ପୁରସ୍କାରପାଇଁ ମନୋନୀତ କରାଯାଇଛି । ପ୍ରତ୍ୟେକ ବିଜେତା ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ନଗଦ ରାଶି, ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ ସହ ତିନିଦିନିଆ ଭ୍ରମଣର ସୁଯୋଗ ମିଳିବ ।

***Desk***

# ଇଂରାଜୀ ବନାନ

ରାଜ୍ୟର ବିଭିନ୍ନ ସ୍ଥାନର ସଂଶୋଧିତ ଇଂରାଜୀ ବନାନ ସଂକଳିତ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ

ବିଜ୍ଞପ୍ତିରେ କଟକ, ଅନୁଗୁଳ, ପାଲଲହଡ଼ା, ତାଳଚେର, ବଲାଙ୍ଗିର, ବାଲେଶ୍ୱର, ବରଗଡ଼, ବ୍ରହ୍ମପୁର, ଆସିକା ସମେତ ୬୪ଟି ସ୍ଥାନର ଇଂରାଜୀ ବନାନକୁ ପରିବର୍ତ୍ତନ କରାଯାଇଛି । ସମସ୍ତ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମକୁ ଏହାର ସଠିକ୍ ପ୍ରସାର ନିମନ୍ତେ ଅନୁରୋଧ କରାଯାଇଛି । ଇଂରାଜୀ ବନାନ ସଂଶୋଧନ ନେଇ ପୂର୍ବରୁ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଥିଲା ।

*Desk*

# ସ୍ନାତକ ମେଧା ତାଲିକା

ରାଜ୍ୟର ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ନାତକ ପାଠ୍ୟକ୍ରମପାଇଁ ଆଜି ପ୍ରଥମ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇଛି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ପାଠ୍ୟକ୍ରମପାଇଁ ୯୪ ଦଶମିକ ୫ ପ୍ରତିଶତ କଟ୍ ଅଫ୍ ରହିଥିବାବେଳେ ପଦାର୍ଥ ବିଜ୍ଞାନରେ ୯୬ ଦଶମିକ ୫ ପ୍ରତିଶତ, ପ୍ରାଣୀ ବିଜ୍ଞାନରେ ୯୪ ଦଶମିକ ୮/୩ ପ୍ରତିଶତ କଟ୍ ଅଫ୍ ରହିଛି । ସେହିପରି ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟରେ କମ୍ପ୍ୟୁଟର ସାଇନ୍‌ସରେ କଟ୍ ଅଫ୍ ୯୨ ପ୍ରତିଶତ ରହିଛି । ମଧୁସୂଦନ ଆଇନ ବିଶ୍ୱବିଦ୍ୟାୟରେ ସମନ୍ୱିତ ସ୍ନାତକ ଆଇନ ବିଭାଗରେ କଟ୍ ଅଫ୍ ୮୯ ଦଶମିକ ୪ ପ୍ରତିଶତ ରହିଛି । ରାଜ୍ୟର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ପାଠ୍ୟକ୍ରମ ପାଇଁ ମୋଟ୍ ୨ ଲକ୍ଷ ୮୭ ହଜାର ୩୨୭ଟି ଆସନ ରହିଛି ।

ଏଥିପାଇଁ ୨ ଲକ୍ଷ ୩୭ ହଜାର ୨୦୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ । ସେଥିମଧ୍ୟରୁ ପ୍ରଥମ ମେଧାତାଲିକାରେ ୧ ଲକ୍ଷ ୮୭ ହଜାର ୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖାପାଇଁ ମନୋନୀତ ହୋଇଛନ୍ତି ।

***Desk***

# ୟୁ.ଜି.ସି. ନେଟ୍ - ପରୀକ୍ଷା

ୟୁଜିସି ନେଟ୍ ୨୦୨୬ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍‌ଟିଏ ପକ୍ଷରୁ ହେଉଥିବା ଏହି କମ୍ପ୍ୟୁଟର ମୋଡ୍ ଆଧାରିତ ପରୀକ୍ଷା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ପ୍ରତ୍ୟେକ ଦିନ ୨ଟି ସିଫ୍ଟରେ ଏହି ପରୀକ୍ଷା କରାଯିବ । କନିଷ୍ଠ ଗବେଷକ ଫେଲୋସିପ୍-ଜେଆର୍‌ଏଫ୍, ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଏବଂ ପିଏଚ୍‌ଡି ପାଠ୍ୟକ୍ରମରେ ପ୍ରବେଶ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି। ଏନ୍‌ଟିଏ ୱେବ୍‌ସାଇଟ୍‌ରେ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ରହିଛି । ତେବେ ପରୀକ୍ଷା ପୂର୍ବରୁ ପ୍ରଦତ୍ତ ସମସ୍ତ ବିବରଣୀକୁ ସମ୍ପୂର୍ଣ୍ଣଭାବେ ପଢ଼ି ଅବଗତ ହେବାକୁ ଏନ୍‌ଟିଏ ପରାମର୍ଶ ଦେଇଛି ।

*Desk*

# ଆର୍.ଆଇ. ପରୀକ୍ଷା

ନିଟ୍ ପୁନଃ ପରୀକ୍ଷା ପାଇଁ ଆର୍.ଆଇ ଅମିନ ପରୀକ୍ଷାକୁ ପରିବର୍ତ୍ତନ କରାଯାଇଥିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଆସନ୍ତା ୨୮ ତାରିଖରେ ଓ.ଏସ୍.ଏସ୍.ଏସ୍.ସି ପକ୍ଷରୁ ଏହି ପରୀକ୍ଷା କରାଯିବ। ତେବେ ଆବେଦନକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୁର୍ନବାର ତାରିଖ ପରିବର୍ତ୍ତନ ହୋଇପାରେ। ଏହାର ପୁନଃ ବିଚାର ପାଇଁ ଆଜି ଓ.ଏସ୍.ଏସ୍.ଏସ୍.ସି. ସହ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

*IPR*

# ଆପାର୍ଟମେଣ୍ଟ ଅଧିନିୟମ

ରାଜ୍ୟର ସହରାଞ୍ଚଳ ଗୃହ ନିର୍ମାଣ, ନଗର ଯୋଜନା ଏବଂ ଜମି ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାପାଇଁ ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଓଡ଼ିଶା ଆପାର୍ଟମେଣ୍ଟ ଅଧିନିୟମ-୨୦୨୩ର ସଫଳ କାର୍ଯ୍ୟକାରିତାପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି, ଯାହା ଆପାର୍ଟମେଣ୍ଟ ମାଲିକ, ଡେଭ୍ଲପର

ଏବଂ ନିୟାମକ କର୍ତ୍ତୃପକ୍ଷଙ୍କ ସମସ୍ୟାକୁ ସମାଧାନ କରିବାରେ ସହାୟକ ହେବ । ବିଭାଗ ପକ୍ଷରୁ ଆପାର୍ଟମେଣ୍ଟ ପଞ୍ଜୀକରଣ ନିମନ୍ତେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି, ଯେଉଁଥିରେ ଆବାସିକ, ବ୍ୟାବସାୟିକ ଏବଂ ମିଶ୍ରିତ ବ୍ୟବହାରଭିତ୍ତିକ ଆପାର୍ଟମେଣ୍ଟ ପ୍ରକଳ୍ପଗୁଡ଼ିକର ପଞ୍ଜୀକରଣ ବ୍ୟବସ୍ଥା ସରଳ ହୋଇଛି । ପାରିବାରିକ ଭାଗବଣ୍ଟାଜନିତ ସବ୍‌ଡିଭିଜନ ପାଇଁ ଲେଆଉଟ୍ ଅନୁମୋଦନ ପାଇଁ ଆବେଦନର ଆବଶ୍ୟକତାକୁ ଉଚ୍ଛେଦ କରାଯାଇଛି ଏବଂ ୫ ଶହ ବର୍ଗମିଟରରୁ କମ୍ ଥିବା ପ୍ଲଟ୍‌ଗୁଡ଼ିକର ସବ୍‌ଡିଭିଜନପାଇଁ କେତେକ ସର୍ତ୍ତସାପେକ୍ଷ ଏକକାଳୀନ ରିହାତି ପ୍ରଦାନ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

***Desk/R***

## ଦୁର୍ଘଟଣା

ଗଞ୍ଜାମ ଜିଲ୍ଲାର ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ ଆଘାତ ଓ ଅନ୍ୟ ଜଣଙ୍କ ଦୁର୍ଘଟଣାରେ ପ୍ରାଣହାନି ଘଟିଛି । ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ଆତ୍ମୀୟଙ୍କପାଇଁ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

*Desk*

# ବିଶ୍ୱ ବର୍ଷାବଣ ଦିବସ

ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦର ସୁରକ୍ଷା, ପୁନରୁଦ୍ଧାର ଏବଂ ଏଥିପ୍ରତି ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ବିଶ୍ୱ ବର୍ଷାବଣ ଦିବସ ପାଳନ କରାଯାଉଛି। ଜଙ୍ଗଲଗୁଡ଼ିକ ମଧ୍ୟରେ ସବୁଠାରୁ ଜୀବନ୍ତ ଏବଂ ଅତ୍ୟନ୍ତ ଉପାଦେୟ ବାସସ୍ଥଳୀ ଭାବେ ବର୍ଷାବଣକୁ ଗ୍ରହଣ କରାଯାଇଥାଏ। ଏହା ଏଭଳି ଏକ ସବୁଜ ବଳୟ' ଯେଉଁଠାରେ ବର୍ଷସାରା ଅତ୍ୟଧିକ ବୃଷ୍ଟିପାତ ହୋଇଥାଏ। ଏହି ଜଙ୍ଗଲାଞ୍ଚଳଗୁଡ଼ିକ ବାୟୁମଣ୍ଡଳରୁ ବିପୁଳ ପରିମାଣର ଅଙ୍ଗାରକାମ୍ଳ ଶୋଷଣ କରି ପ୍ରଚୁର ଅମ୍ଳଜାନ ପରିତ୍ୟାଗ କରିଥାନ୍ତି। ତେଣୁ ବର୍ଷାବଣକୁ ପୃଥିବୀର ଫୁସ୍‌ଫୁସ୍ କୁହାଯାଏ। ଚଳିତ ବର୍ଷ 'ଆମ ଭିତରେ ଜଙ୍ଗଲ' ପ୍ରସଙ୍ଗ ଆଧାରରେ ଏହି ଦିବସ ପାଳନ କରାଯାଉଛି। ପରିବେଶ ସୁରକ୍ଷାରେ ବର୍ଷାବଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ବିଶିଷ୍ଟ ପରିବେଶବିତ୍ ଡକ୍ଟର ଚିତ୍ତରଞ୍ଜନ ମିଶ୍ର କହିଛନ୍ତି ।

*Desk, Nayagarh, Sonepur, Kendrapara, Rayagada, Bhadrak, Baragarh, Nuapada, Boudh, Nabarangpur/R*

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍‌ରେ ଅନୁଷ୍ଠିତ ଶିବିରରେ ୬୨ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍‌ର ଖେମାଲୋଏ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୭୧ଟି ଅଭିଯୋଗର ଶୁଣାଣି କରାଯାଇ ତୁରନ୍ତ ସମାଧାନପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୧୮ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିବାବେଳେ ୪ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ରାୟଗଡ଼ା ଜିଲ୍ଲା କଲନାରା ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୪ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୮ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।

ଭଦ୍ରକ ଜିଲ୍ଲା ତିହିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୬ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୬ ହଜାର ଟଙ୍କା ପ୍ରଦାନ କରାଯାଇଛି ।

ବରଗଡ଼ ଜିଲ୍ଲା ବରପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୮୦ଟି ଅଭିଯୋଗର ଶୁଣାଣି କରାଯାଇଛି ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ପରିସରରେ ଆୟୋଜିତ ଶିବିରରେ ୨ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍‌ର ତଳଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୩୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ନବରଙ୍ଗପୁର ଜିଲ୍ଲା ଉମରକୋଟ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୨୧ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

***Desk***

# ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୧୫ ଦିନ ମଧ୍ୟରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଆଜି ବଲାଙ୍ଗୀର ଓ ସୁନ୍ଦରଗଡ଼ ମଧ୍ୟ ଦେଇ ଅଗ୍ରସର ହୋଇଛି। ଆଗାମୀ ଦିନରେ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ଆସନ୍ତାକାଲି ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା

ପାଇଁ ପରାମର୍ଶ ଦିଆଯାଇଛି । ମୌସୁମୀର ଅଗ୍ରଗତି ଓ ବର୍ଷା ସମ୍ପର୍କରେ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି :

***Voice*** :.......

******